# Akashvani, Sambalpur

# SAMBALPURI NEWS MORNING BULLETIN

# 1 May 2026 - 6.47- 6.52 am.

---

ବିଧାନ୍‌ସଭା ସ୍ୱତନ୍ତ୍ର ଅଧିବେଶନ୍          ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ବିଧାନ୍‌ସଭାର୍ ଗଲାକାଏଲ୍ ହେଇଥିବା ସ୍ୱତନ୍ତ୍ର ଅଧିବେଶନ୍ ନ ଭାରତୀୟ ଗଣତନ୍ତ୍ରଥି ମହିଳାମାନ୍‌କର୍ ଭୂମିକା ବାବ୍‌ଦେ ଗଭୀର୍ ଆଲୋଚନା ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ଅଭିଭାଷଣ୍‌ଥି କହିଛନ୍, ମହିଳା ସଶକ୍ତିକରଣ୍ ବିନା ଗଣତନ୍ତ୍ର ଅସମ୍ପୂର୍ଣ୍ଣ ଆଏ । ନାରୀଶକ୍ତି ବନ୍ଦନ୍ ଅଧିନିୟମ୍‌କେ ଐତିହାସିକ୍ ବଲି କହିକରି ମୁଖ୍ୟମନ୍ତ୍ରୀ ରାଜନୀତିଥି ମହିଳାମାନ୍‌କର୍ ଲାଗି ୩୩ ପ୍ରତିଶତ୍ ସଂରକ୍ଷଣ୍‌ର ଆବଶ୍ୟକତା ବାବ୍‌ଦେ ଜୋର୍ ଦେଇଛନ୍ । ପଂଚାୟତିରାଜ୍ ବ୍ୟବସ୍ଥାଥି ମହିଳାମାନେ ସଫଲତାର୍ ସହେତେ ନେତୃତ୍ୱ ନଉଥିବାର୍ ବେଲେ ବିଧାନ୍‌ସଭା ଆଉ ସଂସଦ୍ ନ ସେମାନ୍‌କର୍ ଭାଗିଦାରୀ ଆହୁରି ବଢ଼୍‌ବାର୍ ଦର୍‌କାର୍ । ସବୁ ରାଜନୈତିକ୍ ଦଲ୍‌କେ ଆଏବା ନିର୍ବାଚନ୍‌ଥି ଅନ୍ତତଃ ୩୩ ପ୍ରତିଶତ୍

ଟିକେଟ୍ ମହିଳାମାନ୍‌କୁ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଶିବରାଜ୍ ସିଂ ଚୌହାନ୍ -ଓଡ଼ିଶା ଗସ୍ତ            ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ର କୃଷି, କୃଷକ୍ କଲ୍ୟାଣ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ସମିଆଥି ଶ୍ରୀ ଚୌହାନ୍ ରାୟଗଡ଼ା ଠାନେ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରଣାଳୟ ତର୍‌ଫୁ ଆୟୋଜିତ୍ ପ୍ରଧାନ୍‌ମନ୍ତ୍ରୀ ଗ୍ରାମ ସଡ଼କ୍ ଯୋଜ୍‌ନାର୍ ୪ ନମ୍ବର୍ ଖେପ୍ ସ୍ୱିକୃତୀ ପତ୍ର ହସ୍ତାନ୍ତର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଯୋଜ୍‌ନା ଅଧୀନ୍‌ଥି ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ ୭ ଟା ଜିଲ୍ଲା ନ ୮ ଶହ ୨୭ ଟା ସଡ଼କ୍ ପ୍ରକଳ୍ପଥି ୧ ହଜାର୍ ୭ ଶହ ୧ କିଲୋମିଟର୍ ରାସ୍ତା ତିଆର୍ କରାଯିବା । ଇଥିର୍‌ଲାଗି ୧ ହଜାର୍ ୬ ଶହ ୯୮ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରାଯିବା । ୮ ଶହ ୯୮ ଟା ଜନବସତିକେ ଇତାର୍ ଜରିଏ ପହେଲାଥର୍ ଲାଗି ସବୁଦିନିଆ ରାସ୍ତା ସଂଯୋଗୀକରଣ୍ କରାଯାଇପାର୍‌ବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍

ସହେତେ ପଂଚାୟତିରାଜ୍ ମନ୍ତ୍ରୀ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସାଂସଦ୍ ସପ୍ତଗିରି ଉଲାକା ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ଶ୍ରମିକ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶ୍ ଗଠନ୍‌ଥି ଶ୍ରମିକ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ଆନ୍ତର୍ଜାତୀୟ ଶ୍ରମିକ ଦିବସ୍ ପାଲନ୍ କରାଯାଉଛେ । ଇଟାକେ ମେ ଦିବସ୍ ବଲି ଭିଲ୍ କୁହାଯାଏସି । ସାରା ପୁର୍‌ଥି ନ ଅର୍ଥନୈତିକ ଆର୍ ସାମାଜିକ ଅଧିକାର୍ ହାସଲ୍ କର୍‌ବାର୍ ଦିଗେ ଶ୍ରମିକ୍ ମାନ୍‌କର୍ ବଲିଦାନ୍‌କେ ସୁର୍‌ତା କର୍‌ବାର୍‌ଟା ଇ ଦିବସ୍‌ର ଉଦ୍ଦେଶ୍ୟ ଆଏ । ଆଝିର୍ ଦିନେ ପୁର୍‌ଥିର୍ ଚାର୍‌ହିକୁତି ଥିବାର୍ ଶ୍ରମିକ୍‌ମାନ୍‌କର୍ କାର୍ଯ୍ୟଦକ୍ଷତାକେ ସମ୍ମାନ୍ ଜନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟର୍ ଶ୍ରମିକ୍‌ମାନ୍‌କୁ ମେ ଦିବସ୍ ଅବ୍‌ସରେ ଶୁଭକାମନା ଜନେଇଛନ୍ । ନିଷ୍ଠାପର ଭାବେ ସଭେ ନିଜର୍ କାମ୍ କରି କରି ରାଜ୍ୟର୍ ଲାଗି ଗର୍ବ

ଆଉ ଗୌରବର କାରଣ ହେବାର୍ ସହେତେ ବିକଶିତ ଓଡ଼ିଶା ଆଉ ବିକଶିତ ଭାରତ ଗଢ଼୍‌ବାର୍ ଦିଗେ ନିଜର୍ ଅବଦାନ ଦେବାର୍‌କେ ରାଜ୍ୟପାଳ ଆହ୍ୱାନ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇ କରି ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ଆଉ ଅଧିକାରର ସୁରକ୍ଷା ଲାଗି ରାଜ୍ୟ ସରକାର ସବୁବେଳେ ଚେରେଷ୍ଟା କରୁଛନ୍ ବଲି କହିଛନ୍ ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ୍ ନ ଆଏଜ୍ ବେଲ୍‌ବୁଡ଼େ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ ଆୟୋଜନ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରମିକ୍ କଲ୍ୟାଣ୍ ବୋର୍ଡ଼ ଜରିଏ ଶହେ ୫୦ କୋଟିନୁ ଅଏତ୍‌କା ଟଙ୍କାର୍ ସାହାଜ୍ ବାଂଟ୍‌ବେ । ଇତାର୍‌ଛଡ଼ା ଶହେ ୩୦ କୋଟି ଟଙ୍କା ଖର୍ଚ୍ଚାଥି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଆଉ ସହକାରୀ ଶ୍ରମ ଅଧିକାରୀମାନ୍‌କର୍ ଲାଗି ୫୦ ଟା ନୂଆଁ ସ୍ଥାୟୀ କାର୍ଯ୍ୟାଲୟର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । କାର୍ଯ୍ୟକ୍ରମ୍‌ଥି ଶ୍ରମ ଆଉ କର୍ମଚାରୀ

ରାଜ୍ୟବୀମା ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ, ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ବୁଦ୍ଧ ପୂର୍ଣ୍ଣିମା ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ଭଗବାନ୍ ବୁଦ୍ଧଙ୍କର୍ ଜନମ୍ ତିଥି ସହେତେ ମୋକ୍ଷ ପାଏବାର୍ ଦିବସ୍ । ଆଝିରର୍ ଦିନେ ଭଗବାନ ବୁଦ୍ଧ ବୋଧଗୟାର୍ ମହାବୋଧି ଗଛ୍ ତଲେ ନିର୍ବାଣ ପ୍ରାପ୍ତି କରିଥିଲେ । ଆଝିରର୍ ଦିନ୍‌କେ ଭାରତ୍ ସହେତେ ସାରା ପୁର୍‌ଥି ନ ଥିବା ବୌଦ୍ଧ ଧର୍ମାବଲମ୍ବୀ ବଡ଼ା ଉସ୍‌ନାକିଥି ଉଛବ୍ ଭାବେ ମନାସନ୍ । ଭାରତ୍ ନ ବୁଦ୍ଧ ପୂର୍ଣ୍ଣିମା ମନାଯାଉଥିଲା ବେଲେ ଶ୍ରୀଲଙ୍କା, ନେପାଲ୍, ମଙ୍ଗୋଲିଆ ସହେତେ ସାରା ଦକ୍ଷିଣ ଆଉ ଦକ୍ଷିଣ ଏସିଆ ନ ଭେଷକବୋଟିଆ ଉଛବ୍ ଭାବେ ପାଲନ୍ କରାଯାଏସି ।

ଇତାର୍‌ସହେତେ ଆଏଜ୍ ହେଉଛେ ସନ୍ଥକବି ଭୀମଭୋଇଙ୍କର୍ ଜୟନ୍ତୀ । ହେଥିର୍‌ଲାଗି ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ମେଟ୍ରିକ୍ ପରୀକ୍ଷାଫଳ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏବା କାଏଲ୍ ଉପର୍‌ବେଲା ୪ ବଜେ ବାହାରିବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍ ସହେତେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଆଉ ମଧ୍ୟମା ପରୀକ୍ଷାଫଲ୍ ଭିଲ୍ ପ୍ରକାଶ୍ ପାଏବା । ଛାତ୍ରଛାତ୍ରୀମାନେ ବୋର୍ଡ଼ ୱେବ୍‌ସାଇଟ୍ bseodisha.ac.in ଥି ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଇଂଟର୍‌ନେଟ୍ ସୁବିଧା ନାଇଁଥିବାର୍ ଇଲାକାମାନ୍‌କେ ନିଜର୍ ରୋଲ୍ ନମ୍ବର୍‌କେ ଏସ୍‌ଏମ୍‌ଏସ୍ କରିକରି ପରୀକ୍ଷାଫଲ୍ ଜାନିହେବା ବଲି ବୋର୍ଡ଼ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ନୁ ଜନାପଡ଼ିଛେ ।

ବାଘ୍ ଛାଲ୍ ଜବର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଜଙ୍ଗଲ୍ ବିଭାଗ୍ ତର୍‌ଫୁ ଜିଲ୍ଲା କରଞ୍ଜାକଟା ଠାନେ ୨ ଝନ୍ ଶିକାରୀଙ୍କୁ ବାଘ୍‌ଛାଲ୍ ବିକ୍ରି କରୁଥିବାର୍ ବେଲେ ଗିରଫ୍ କରାଯାଇଛେ । ବିଭାଗ୍ ତର୍‌ଫୁ ଚଢ଼ଉ କରାଯାଇକରି ତାଙ୍କର୍

ପାଶୁ ଗୁଟେ ବାଘ୍‌ଛାଲ୍ ଆଉ ଅଲ୍‌ଗା ଦରବ୍ ଜବତ୍ କରାଯାଇଛେ । ଇଥିର୍‌ଲାଗି ବନ୍ୟପ୍ରାଣୀ ଆଇନ୍ ଅନ୍‌ସାରେ ଗୁଟେ ମାମ୍‌ଲା ଭିଲ୍ ରୁଜୁ କରାଯାଇଛେ ।

ଜଙ୍ଗଲ୍ ଅଧିକାର୍ କମିଟି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାସ୍ତରୀୟ ଜଙ୍ଗଲ୍ ଅଧିକାରୀ କମିଟିର୍ ବୈଠକ୍ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଜନଜାତି ଆଉ ଅଲ୍‌ଗା ପାରମ୍ପାରିକ୍ ବନବାସୀ ଜଙ୍ଗଲ୍ ଅଧିକାର୍ ଆଇନ୍ -୨୦୦୬ ଆଧାର୍‌ଥି ୧ ହଜାର୍ ଶହେ ୫୦ ଟା ବ୍ୟକ୍ତିଗତ ଦାବି ଉପ୍‌ରେ ଆଲୋଚନା କରାଯାଇଛେ । ସେଥିର୍‌ଭିତ୍‌ରୁ ୭ ଶହ ୯୪ ଟାକେ ନାମଞ୍ଜୁର୍ କରାଯାଇଥିବାର୍ ବେଲେ ଶହେ ୬୨ ଟାକେ ଅନୁମୋଦନ୍ କରାଯାଇଛେ । ଶହେ ୯୪ ଟା ଦାବି ଗ୍ରାମ୍ୟ ଜଙ୍ଗଲ୍ ଯୋଗ୍ୟ ଜମିନ୍ ବାବଦ୍ ହେଇଥିବାର୍‌ନୁ ତାର୍ ଉପ୍‌ରେ ଆଲୋଚନାକେ ଇହାଦେର୍ ଲାଗି ସ୍ଥଗିତ୍ ରଖାଯାଇଛେ । ୬ ଟା ଗୋଷ୍ଠୀ ଜଙ୍ଗଲ୍ ଅଧିକାର୍ ଦାବି ଭିତ୍‌ରୁ ୨

ଟାକେ ମଞ୍ଜୁରୀ ମିଲିଥିବାର୍ ବେଲେ ୨ ଟାକେ ନାକଚ୍ କରାଯିବାର୍ ସହେତେ ଅଲ୍‌ଗା ୨ ଟା ଉପ୍‌ରେ ନିଷ୍ପତିକେ ସ୍ଥଗିତ୍ ରଖାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୩ ଦିନ୍‌ତକ୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ କମ୍‌ବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଗଲାକାଏଲ୍ ରାଜ୍ୟର୍ ନୂଆପଡ଼ା, ବୌଦ୍ଧ, ସୁବର୍ଣ୍ଣପୁର୍, ଟିଟିଲାଗଡ୍, ବଲାଙ୍ଗିର୍, ଭବାନୀପାଟ୍‌ନା ଆର୍ ଢେଙ୍କାନାଲ୍ ର ତାପମାତ୍ରା ଗଲାକାଏଲ୍ ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।